ଧରିତ୍ରୀ

ସମ୍ବଲପୁର, ଗୁରୁବାର, ୧୫ ମାର୍ଚ୍ଚ ୨୦୧୨



### ଛେଳିପାଳନ ବିକାଶ ବୃଦ୍ଧି ଏବଂ ପ୍ରସାର ଶୀର୍ଷକ କର୍ମଶାଳା

# 'ଛେଳି ପାଳନ ଚାଷୀଙ୍କ ଏଟିଏମ କାର୍ଡ'

ସୁନ୍ଦରଗଡ଼,୧୪।୩(ଡି.ଏନ.ଏ.)- ଓଡ଼ିଶାର ଛେଳି ଚାଷୀମାନଙ୍କ ସାମାଜିକ ଆର୍ଥିକ ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ସମନ୍ୱିତ ପଶୁ ସମ୍ପଦର ବିକାଶ କାର୍ଯ୍ୟକ୍ରମ କଲ୍ୟାଣୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଉକ୍ତ ଯୋଜନା ଅନୁଯାୟୀ ଛେଳି ପାଳନରେ ବିକାଶ ବୃଦ୍ଧି ଏବଂ ପ୍ରସାର ଶୀର୍ଷକ ଏକ କର୍ମଶାଳା ବୁଧବାର ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ, ଓଡ଼ିଶା ପଶୁ ସମ୍ପଦ ବିକାଶ ସୋସାଇଟି ଏବଂ ବାଏଫ୍ ଡେଭଲପମେଣ୍ଟ ରିସର୍ଚ୍ଚ ପୁଣେର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଦିନିକିଆ କର୍ମଶାଳାକୁ ସୁନ୍ଦରଗଡ଼ ଜିଲା ଗ୍ରାମ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସେ ଭାରତ ପଶୁ ସମ୍ପଦ ମଧ୍ୟରେ ଛେଳି ଚାଷ ସାଧାରଣରେ ଗ୍ରାମାଞ୍ଚଳ ଲୋକଙ୍କ ଅର୍ଥନୀତି ବିକାଶରେ ବିଶେଷ ସହାୟକ ହୋଇଥାଏ ବୋଲି କହିଥିଲେ । ଏଥିସହ ଠିକ ଭାବେ ଛେଳି ପାଳନ କରି ଚାଷୀମାନେ ଅଧିକ ଲାଭବାନ ହୋଇ ରାଜ୍ୟ ତଥା ଦେଶର ଅର୍ଥନୈତିକ ବିକାଶରେ ସହାୟକ ହେବାକୁ ସେ ପରାମର୍ଶ ଦେଇଥିଲେ । ଓଡ଼ିଶା ପଶୁ ସମ୍ପଦ ବିକାଶ ସୋସାଇଟିର ମୁଖ୍ୟ ନିର୍ବାହୀ ଅଧିକାରୀ ଡ. ସନତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶାରେ ବର୍ତ୍ତମାନ ବାର୍ଷିକ ୬୨ହଜାର ମେଟ୍ରିକ ଟନ ଛେଳି ମାଂସ ଉତ୍ପାଦିତ ହେଉଥିବାବେଳେ ଏହାକୁ ୧୦୪ ହଜାର ମେଟ୍ରିକ ଟନକୁ ବୃଦ୍ଧି କରିବା ଲକ୍ଷ୍ୟ ନେଇ ଚାଷୀମାନଙ୍କୁ ବୈଜ୍ଞାନିକ ଜ୍ଞାନ କୌଶଳ ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟର ବଲାଙ୍ଗୀର, କେଉଁଝର, ସୁନ୍ଦରଗଡ଼, ଦେବଗଡ଼ ଓ ମୟୁରଭଞ୍ଜ ଜିଲାକୁ ସାମିଲ କରାଯାଇ ଛେଳି ଚାଷୀମାନଙ୍କୁ ବିଭିନ୍ନ ପ୍ରକାର ତାଲିମ ଯୋଗାଇ ଦିଆଯିବ ବୋଲି କହିଛନ୍ତି । ଏହି ୫ଟି ଜିଲାରେ ୨୫ଟି ଛେଳି ବିକାଶ କେନ୍ଦ୍ର ଖୋଲାଯାଇ ୨୫ହଜାର ଛେଳି ଚାଷୀ ଓ ୫୦୦ ଗ୍ରାମକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଇବା ଲକ୍ଷ୍ୟ ରହିଥିବା ସେ କହିଥିଲେ । ଛେଳି ଚାଷ ହେଉଛି ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗରିବ ଲୋକମାନଙ୍କ ଆୟର ଏକ ସହଜ ମାଧ୍ୟମ ଓ ଏହା ସେମାନଙ୍କ ପାଇଁ ଏଟିଏମ କାର୍ଡ ସଦୃଶ ବୋଲି କହିଥିଲେ । ବାଏଫ, ଡେଭଲପମେଣ୍ଟ ରିସର୍ଚ୍ଚ ଫାଉଣ୍ଡେଶନ ପୁଣେର ଉପସଭାପତି ଡି.ଏନ. ସିନ୍ଧେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛେଳି ଚାଷ ଦିଗରେ ଚାଷୀମାନେ ଛେଳିମାନଙ୍କ ଉତ୍ତମ ଯତ୍ନ ଓ ସୁରକ୍ଷା ସାଙ୍ଗକୁ ଉତ୍ପାଦନ ଓ ଉତ୍ପାଦିକା ଶକ୍ତି ଉପରେ ଗୁରୁତ୍ୱ ଦେଇ ଲାଭବାନ ହେବାକୁ ପରାମର୍ଶ ଦେଇଥିଲେ । ସେହିପରି ସୁନ୍ଦରଗଡ଼ ଡିଏଫଓ ବି.ଏନ. ଠାକୁର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ସଂମ୍ପଦକ ସୁରକ୍ଷା ମାନସିକତା ରଖି ଚାଷୀମାନେ ଛେଳି ଚାଷ କରିବା ଆବଶ୍ୟକ ବୋଲି କହିଥିଲେ । ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀ ବି.ଏନ. ଦାସମହାପାତ୍ର ଜିଲାରେ ଛେଳି ଚାଷର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇ ଏହି ଯୋଜନା ଛେଳି ଚାଷୀଙ୍କ ପାଇଁ ବେଶ ସହାୟକ ହେବ ବୋଲି କହିଥିଲେ । କର୍ମଶାଳାରେ ସବ୍‌ଡେଗା ଓ ବାଲିଶଙ୍କରା ବ୍ଲକର ୫୦ଜଣ ଚାଷୀ ଓ ପଞ୍ଚାୟତ ପ୍ରତିନିଧିମାନେ ଭାଗ ନେଇଥିଲେ । ଡ. ଚିତ୍ତରଞ୍ଜନ ମଲ୍ଲିକ ଓ ଡ. ବାସୁଦେବ ସୁନାନୀ ଚାଷୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ବାଏଫର ପ୍ରୋଜେକ୍ଟ ମ୍ୟାନେଜର ତୁଳେଶ୍ୱର ବୈକାର ଏହି କର୍ମଶାଳାକୁ ପରିଚାଳନା କରିଥିବାବେଳେ ଡ. ଆର.ଡି. ଧନଞ୍ଜୟ ସ୍ୱାଗତ ଅଭିଭାଷଣ ଓ ରଞ୍ଜନ କୁମାର ଭୁକ୍ତା ଧନ୍ୟବାଦ ପ୍ରଦାନ କରିଥିଲେ ।